ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ

ସା/ପୋ.ଅ.- ଘଟଗାଁ, ଜି.- କେନ୍ଦୁଝର- ୭୫୮୦୨୭ (ଓଡ଼ିଶା)

ଫୋନ୍- ୦୬୭୩୩ - ୨୯୯୯୦୮

MAA TARINI THAKURANI TEMPLE TRUST

At/Po.- Ghatgaon, Dist.- Keonjhar- 758027 (Odisha)

Phone- 06733 - 299908

website-www.maatarini.co.in Email- maatarini.ghatgaon@gmail.com

ଚିଠି ନଂ. Letter No. : 288 କୋଟେସନ୍ କଲ୍ ନୋଟିସ୍ ତାରିଖ Date: 10.09.2026

ଏତଦ୍ଦ୍ୱାରା ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ମାନଙ୍କୁ ଜଣାଇ ଦିଆଯାଉଅଛି କି ମା'ତାରିଣୀଙ୍କ ପୀଠରେ ନିମ୍ନଲିଖିତ କାର୍ଯ୍ୟର ବିବରଣୀ ଅନୁଯାୟୀ ତା.୧୬.୧୦.୨୦୨୬ରିଖ ଷଷ୍ଠୀ ଠାରୁ ତା.୨୧.୧୦.୨୦୨୬ରିଖ ଭଷାଣୀ ପର୍ଯ୍ୟନ୍ତ ଦୁର୍ଗାପୂଜା ଉପଲକ୍ଷେ ଦୁର୍ଗାମୂର୍ତ୍ତି, ଦୁର୍ଗା ମେଢ, ଟେଣ୍ଟ, ମାଇକ୍, ଜେନେରେଟର ଓ ଆଲୋକ ସଜ୍ଜା ଇତ୍ୟାଦି କାର୍ଯ୍ୟ ଆବଶ୍ୟକ ହେଉଅଛି । ଯାହାର ମୋଟ ନିର୍ଦ୍ଧାରିତ ମୂଲ୍ୟ ଟ.୩,୪୬,୯୪୦/- (ତିନି ଲକ୍ଷ ଛୟାଳିଶି ହଜାର ନଅ ଶହ ଚାଳିଶି ଟଙ୍କା)ମାତ୍ର । ଏଣୁ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ତା.୧୮.୦୯.୨୦୨୬ରିଖ ଶୁକ୍ରବାର ଦିନ ଦିବା ୧୨ଘଟିକା ସମୟ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ପାଇଁ ଗୋଟିଏ କୋଟେସନ୍ ଦାଖଲ ପୂର୍ବକ ନିମ୍ନ ଲିଖିତ ଫର୍ମରେ ଆବେଦନ କରିପାରିବେ । ଏକକ କୋଟେସନ ଗ୍ରହଣ ଯୋଗ୍ୟ ହେବ ନାହିଁ । ଅତିକମ୍‌ରେ ଅନ୍ୟୂନ ଦୁଇ ଗୋଟି କୋଟେସନ ଦାଖଲ କରିଥିଲେ ତାହା ଗ୍ରହଣ ଯୋଗ୍ୟ ହେବ । ଆବେଦନ ପତ୍ର ସହିତ ଅମାନତ ଦେୟ ବାବଦକୁ ଟ. ୩୪,୬୯୪/- (ଚଉତିରିଶ ହଜାର ଛଅ ଶହ ଚଉରାନବେ ଟଙ୍କା) ମାତ୍ରର ବ୍ୟାଙ୍କ ଡ୍ରାଫ୍ଟ "ମା' ତାରିଣୀ ଠାକୁରାଣୀ"ଙ୍କ ନାମେ କରି ଦାଖଲ କରିବେ । ଅମାନତ ରାଶିର ଡ୍ରାଫ୍ଟ ନଦେଇ ଆବେଦନ କଲେ ଉକ୍ତ ଦରଖାସ୍ତ ନାକଚ ହେବ । ଏହି ଅମାନତ ରାଶି କାର୍ଯ୍ୟ ସମାପ୍ତ ପରେ ଫେରସ୍ତ ଦିଆଯିବ । କୋଟେସନ୍ ସମୟରେ ପୂର୍ତ୍ତରୁ ନିର୍ମାଣ କରିଥିବା ଦୁର୍ଗାଦେବୀଙ୍କ ମେଢ, ତୋରଣ ଓ ଆଲୋଜ ସଜ୍ଜା ଇତ୍ୟାଦିର ଫଟୋ ପ୍ରଦାନ କରିବେ । ଏହି କୋଟେସନ୍ କଲ୍ ବିନା କାରଣରେ ନାକଚ ବା ପରିବର୍ତ୍ତନ କରାଯାଇପାରିବ । ଆବେଦନ କରିଥିବା ଦରଖାସ୍ତକାରୀଙ୍କ ମଧ୍ୟରୁ ଯାହାର ମୂଲ୍ୟ ସମସ୍ତଙ୍କ ଠାରୁ କମ୍ ହେବ ତାଙ୍କୁ କାର୍ଯ୍ୟାଦେଶ ଦିଆଯିବ ।

କାର୍ଯ୍ୟର ବିବରଣୀ :-

୧. ଦୁର୍ଗାଦେବୀଙ୍କ ମୂର୍ତ୍ତି, ଦୁର୍ଗାଦେବୀଙ୍କ ମେଢ, ବାରୁଆଳୀ ଦଶ ସେଟ୍, ବାରୁଆଳୀ ଦଶ ସେଟ୍ ପାଇଁ ଟେଣ୍ଟ ଓ କପଡା ଡେକୋରେଶନ - (୩୦ଫୁଟ୍ x ୫୦ଫୁଟ) (ବାରୁଆଳୀ ଦଶ ସେଟ୍ ପାଇଁ ଆବଶ୍ୟକୀୟ ଗ୍ରିଡ୍,ପ୍ଲାଏ ଓ ୱାଟର ପମ୍ପ ଇତ୍ୟାଦି) । ବାରୁଆଳୀ ଗୁଡିକ ଗ୍ରୀଡ଼ରେ ତିଆରି ହୋଇ ପୃଥକ ପୃଥକ ରହିବ ପଛ ପାର୍ଶ୍ୱରେ ବ୍ୟାନର ଲାଗିବ ଓ ପେଭର ପାଖରୁ ୨ଫୁଟ ଉଚ୍ଚତା ଉପରେ ବାରୁଆଳୀ ରଖାଯିବ । ବାରୁଆଳୀ ଟେଣ୍ଟ ଠାରୁ ପେଭର ଶେଷ ହୋଇଥିବା ପାହାଚ ପର୍ଯ୍ୟନ୍ତ କପଡା ସିଲିଙ୍ଗ୍ କରିବେ ଓ ବାରୁଆଳୀ ଟେଣ୍ଟ ଆରମ୍ଭ ସ୍ଥାନରେ ମଜଭୁତ୍ ପାହାଚ କରିବେ ।

୨. ଯଜ୍ଞ ମଣ୍ଡପର ଚାରିପାଖ ତାରପୋଲିନ୍ ଓ ବାହାର ତିନି ପାର୍ଶ୍ୱ ୱାଲ୍ ଘେରାଉ । ଦୁର୍ଗା ମଣ୍ଡପ ସମ୍ମୁଖରେ ପେଭର ଶେଷ ହୋଇଥିବା ପାହାଚ ସମ୍ମୁଖରେ ଆକର୍ଷଣୀୟ ତୋରଣ । ଯାତ୍ରୀ ବିଶ୍ରାମ ଗୃହ ନିକଟରେ ଏକ ସେଲ୍‌ଫି ପଏଣ୍ଟ୍ କରିବେ ।

୩. ଆଲୋକ ସଜ୍ଜା (ତାରିଣୀ ମନ୍ଦିର/ମୁଖଶାଳା/ବେଢା/ଶିବ ମନ୍ଦିର/ଦୁଆରଶୁଣୀ ମନ୍ଦିର/ଦୁର୍ଗା ମଣ୍ଡପ ଠାରୁ ତାରିଣୀ ମନ୍ଦିର ମୁଖଶାଳା ପର୍ଯ୍ୟନ୍ତ, ପାଚେରୀ ପାର୍ଶ୍ୱରେ ଗେଟ ନଂ -୩ରୁ ଜୋତାଷ୍ଟାଣ୍ଡ ପର୍ଯ୍ୟନ୍ତ କୁଣ୍ଡରେ ଥିବା ଗଛ ଗୁଡିକରେ ରଙ୍ଗୀନ ପାଲକ ଲାଇଟ ଲାଗିବ, ସାଂସ୍କୃତିକ ମଣ୍ଡପ ସମ୍ମୁଖରେ ଥିବା ଗଛ ଗୁଡିକରେ ରଙ୍ଗୀନ ଲିଡୁରେ ସଜ୍ଜାଯିବ ଓ ନୃତ୍ୟ ପାଇଁ ଆବଶ୍ୟକୀୟ ଅଟୋମେଟିକ୍/ମୁଭିଙ୍ଗ୍/ରଙ୍ଗିନ୍ ଷ୍ଟେଜ୍ ଲାଇଟ୍) । ଗେଟ୍ ନଂ-୩ ସମ୍ମୁଖରେ ମେନ୍ ରୋଡ୍ ଉପରେ ଏକ ଲାଇଟ୍ ଗେଟ୍ । ଗେଟ୍ ନଂ-୩ ଠାରୁ ମେନ୍ ରୋଡ୍ ଉପରେ ଗେଟ୍ ନଂ-୧ ପର୍ଯ୍ୟନ୍ତ ରଙ୍ଗୀନ ଲିଡୁ ଓ ହରିଚନ୍ଦନପୁର ରୋଡ୍ ସାଇଡ୍‌ର ପାଚେରୀ ଉପରେ ରଙ୍ଗୀନ ଲିଡୁ ଲାଗିବ ।

୪. ଭଲ ମାଇକ୍ ସେଟ୍, ଜେନେରେଟର ଓ ଆବଶ୍ୟକୀୟ ଅନ୍ୟାନ୍ୟ ଲାଇଟ୍ ବ୍ୟବସ୍ଥା ।

୫. ପାଲା/ଭଜନ ପେଣ୍ଡାଲ୍- (୩୦ଫୁଟ x ୨୦ଫୁଟ, ତଳୁ ଉଚ୍ଚତା-୪ଫୁଟ୍ ଓ ପେଣ୍ଡାଲରୁ ଉପରକୁ ଉଚ୍ଚତା ୧୨ଫୁଟ୍) 19mm ପ୍ଲାଏବୋର୍ଡ ଚଟାଣ, ଫାପଷ୍ଟାଣ୍ଡ ଓ ପେଣ୍ଡାଲ୍ ଦୁଇ ପାର୍ଶ୍ୱରେ ଗ୍ରୀନ୍‌ରୁମ୍ ସହିତ ସିଡି କରିବେ ।

୬. ପାଲା ଓ ଭଜନ ପେଣ୍ଡାଲ ସମ୍ମୁଖରେ ତାରପୋଲିନ ଛାଉଣୀ, କପଡା ସିଲିଙ୍ଗ୍ ଓ ଚାରିପାଖ ଝାଲେରୀ ସଜ୍ଜା-(୫୦ଫୁଟ x ୨୨୦ ଫୁଟ୍) ।

୭. ପ୍ଲାଷ୍ଟିକ ଚେୟାର ୬୦୦ଗୋଟା, ଷ୍ଟିଲ୍ ଗଦି ଥିବା ଚେୟାର୍ ୧୦୦ଗୋଟା ପେଣ୍ଡାଲ୍ ଓ ଅତିଥିମାନଙ୍କ ବସିବା ସ୍ଥାନ ପାଇଁ ଆବଶ୍ୟକୀୟ ମ୍ୟାଟ୍ । ଦର୍ଶକ ଓ ଅତିଥିମାନଙ୍କ ବସିବା ସ୍ଥାନ ମଝିରେ ତଥା ଦୁଇ ପାର୍ଶ୍ୱରେ ବ୍ୟାରିକେଡ୍ ସହିତ କପଡା ୱାଲିଙ୍ଗ୍ । ଏକ ରଙ୍ଗର ଚେୟାର୍ ଦେବେ, ଭଙ୍ଗା ଚେୟାର୍ ଗ୍ରହଣ ହେବ ନାହିଁ । ଆବଶ୍ୟଜୀୟ ରୋଷେଇ ଉପକରଣ (ଡିସ୍, କଡେଇ, ଟବ୍, ବାଲ୍‌ଟି, ଡଙ୍କି, ପନିକି, ଚଟ, ଦରି ଇତ୍ୟାଦି ଯୋଗାଇବେ ।

୮. କାର୍ଯ୍ୟରେ ଅବହେଳା କାରଣରୁ ପୂର୍ବରୁ ନିଷେଧ କରାଯାଇଥିବା ଟେଣ୍ଟମାଲିକ ମାନେ ଏହି କୋଟେସନ୍‌ରେ ଆବେଦନ କରିପାରିବେ ନାହିଁ ।

୯. ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବରାଦ ମୁତାବକ ଯୋଗାଇବେ । କାର୍ଯ୍ୟରେ ଅବହେଳା କଲେ ନିର୍ଦ୍ଧାରିତ ମୂଲ୍ୟରୁ ଅର୍ଥ କଟାଯିବ । ଭଷାଣୀର ୨ଦିନ ମଧ୍ୟରେ ପ୍ରଥମେ ପାଲା/ଭଜନ ସ୍ଥାନରୁ ଟେଣ୍ଟ ଜିନିଷ ଓ ଅନ୍ୟାନ୍ୟ ଜିନିଷ ଖାଲି କରିବେ । ତାପରେ ୩ଦିନ ମଧ୍ୟରେ ଦୁର୍ଗାମଣ୍ଡପର ଟେଣ୍ଟ ଜିନିଷ ଓ ଅନ୍ୟାନ୍ୟ ଜିନିଷ ଖାଲି କରିବେ । ସମସ୍ତ ଜିନିଷ ଖାଲି କରିବା ପରେ ଅମାନତ ରାଶି ଫେରସ୍ତ ପାଇଁ ଆବେଦନ କରିବେ । ନଚେତ ଅମାନତ ରାଶି ବ୍ୟାଜାପ୍ତି କରାଯିବ ।

ଆବେଦନ ଫର୍ମ (A4 ସାଇଜ୍ ସାଧା କାଗଜରେ ନିମ୍ନଲିଖିତ ଅନୁଯାୟୀ ଲେଖି ବା ଟାଇପ୍ କରି ଆବେଦନ କରିବେ):-

୧. ଆବେଦନକାରୀଙ୍କ ପୂରା ନାମ:- ୨. ଆବେଦନକାରୀଙ୍କ ପିତାଙ୍କ ନାମ:- ୩. ସଂପୂର୍ଣ୍ଣ ଠିକଣା ଓ ମୋବାଇଲ ନଂ:-

୪. ସିକ୍ୟୁରିଟି ବାବଦକୁ ବ୍ୟାଙ୍କ ଡ୍ରାଫ୍ଟର ନଂ..... ତା..... ପରିମାଣ..... ବ୍ୟାଙ୍କର ନାମ.....

୫. କୋଟେସନ୍ ମୂଲ୍ୟ ଅଙ୍କରେ .....ଅକ୍ଷରରେ.....

୬. ସଂପୂର୍ଣ୍ଣ ସ୍ୱାକ୍ଷର :-

10/9/2026

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।